୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday September 3 ଭୁବନେଶ୍ବର ବୁଧବାର, ୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କିଟ୍‌ରେ ୩୧ତମ ରାଜ୍ୟ ଏସ୍‌ଏନ୍‌ଏଆଇ ଦ୍ବିବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ




ଭୁବନେଶ୍ବର,(ପି.ଏନ): କିଟ୍ ବିଶ୍ବବିଦ୍ୟାଳୟରେ ଷ୍ଟୁଡେଣ୍ଟ ନର୍ସେସ୍ ଆସୋସିଏସନ ଅଫ୍ ଇଣ୍ଡିଆ(ଏସ୍‌ଏନ୍‌ଏଆଇ) ଓଡିଶା ରାଜ୍ୟ ଶାଖାର ୩୧ତମ ଦ୍ବିବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍‌ଏଆଇ)ର ଓଡିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନର୍ସିଂ ସାଇନ୍‌ସେସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟରୁ ଦୁଇ ହଜାରରୁ ଉର୍ଦ୍ଧ୍ୱ ନର୍ସିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଲେ ନର୍ସିଂ ସେବା ଏକ ବୃତ୍ତି ନୁହେଁ ଏହା ଏକ ବ୍ରତ। ସେବା ମନୋବୃତ୍ତି ଏବଂ ପ୍ରତିବଦ୍ଧତା ହେଉଛି ନର୍ସିଂ ସେବାର ମୂଳମନ୍ତ୍ର। ନର୍ସମାନେ ଜାତି, ବର୍ଣ୍ଣ ଧନୀ, ଗରିବ ବାଛ ବିଚାର ନ କରି ସମସ୍ତଙ୍କ ପ୍ରତି ସମାନ ଆଚରଣ ସହ ସମାନ ସେବା ଯୋଗାଇ ଦେଇଥାନ୍ତି। ସେମାନଙ୍କ ସେବା ଆଗରେ ଆମ ସମସ୍ତଙ୍କର ମୁଣ୍ଡ ନୁଆଁଇବା କର୍ତ୍ତବ୍ୟ ବୋଲି ଶ୍ରୀ ସାମଲ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ନର୍ସମାନଙ୍କୁ ଭଗବାନଙ୍କ ଦୂତ ଭାବେ ଅଭିହିତ କରିଥିଲେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କର ଏକ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ରୋଗୀଟିଏ ସୁସ୍ଥ ହେବା ପାଇଁ ନର୍ସର ତ୍ୟାଗ ରହିଥାଏ। ସେଥିପାଇଁ ସମାଜରେ ନର୍ସମାନଙ୍କୁ ଅନନ୍ୟ ଭାବେ ବିବେଚନା କରାଯାଏ ବୋଲି ଶ୍ରୀ ମିଶ୍ର କହିଥିଲେ। କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଆର. ସି. ଦାସ କହିଲେ, ନର୍ସିଂ ଗୋଟିଏ ବୃତ୍ତି ନୁହେଁ, ଏହା ହେଉଛି ମାନବିକତା ପ୍ରତି ପ୍ରତିବଦ୍ଧତା। ଜଣେ ରୋଗୀ ପାଇଁ ଗୋଟିଏ ନର୍ସ ବହୁତ କିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ବବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡା ସିବିକେ ମହାନ୍ତି, ଟିଏନଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏନ୍‌ଏଆଇ ଓଡିଶା ଶାଖାର ସଭାପତି ତଥା କିନ୍‌ସର ପ୍ରଫେସର ଅନୁସୂୟା ପଟ୍ଟନାୟକ, କିନ୍‌ସ ଅଧ୍ୟକ୍ଷା ପ୍ରଫେସର ନିୟତୀ ଦାସ, ଟିଏନଏଆଇ ଓଡିଶା ଶାଖା ସମ୍ପାଦିକା ରଞ୍ଜିତା ସାହୁ ,ଏସଏନ୍‌ଏଆଇ ଓଡିଶା ଶାଖା ପରାମର୍ଶଦାତା ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ ପ୍ରଦାନ କରାଯାଇଥିଲା। ରବିବାର ଏହି ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ୫ଶହରୁ ଉର୍ଦ୍ଧ୍ୱ ନର୍ସିଂ ଛାତ୍ରୀ ଯୋଗଦେଇ ଲୋକଙ୍କ ମଧ୍ୟରେ ନର୍ସିଂ ସେବା ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହା ବ୍ୟତୀତ ନର୍ସିଂ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପାରାଦୀପ ପୌରପାଳିକା ପକ୍ଷରୁ ମହା ସମାରୋହରେ ସ୍ୱାୟତ୍ତ ଶାସନ ଦିବସ ପାଳିତ : ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ପ୍ରେସ ଗ୍ୟାଲେରୀ ସମେତ ବହୁ ପ୍ରକଳ୍ପ ଉଦଘାଟିତ




ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅଗଷ୍ଟ ୩୧ ତାରିଖ ରବିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନୂତନ ପ୍ରକଳ୍ପ ର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଭିନ୍ନ ୱାର୍ଡରେ ନୂତନ ରାସ୍ତା, ଡ୍ରେନ, ଉଦ୍ୟାନ ଓ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ମଠ,ମନ୍ଦିର ଓ ଆଶ୍ରମର ଉନ୍ନତିକରଣ,ଗୋଷ୍ଠିଗୃହ, ଶୌଚାଳୟ, ଖେଳପଡ଼ିଆ ର ଉନ୍ନତିକରଣ, ମାର୍କେଟ ଅଞ୍ଚଳର ଉନ୍ନତିକରଣ,ପୌର କାର୍ଯ୍ୟାଳୟରେ ଆପ ର ନିରୀକ୍ଷଣ କକ୍ଷ, ଭାଗବତ ଗୃହ, ସମିତି ଗୃହ ଇତ୍ୟାଦି ଉଦଘାଟିତ ହୋଇଥିବା ବେଳେ ରଙ୍ଗିଆଗଡ଼ ସ୍ଥିତ ପରାଶର ଗୋଶାଳା, ରତ୍ନମାଳି ଜେମା ନଗର ଓ ପିପିଏଲ ଛକରେ ବିଦ୍ୟୁତକରଣ ଏବଂ ଦୁଇଟି ଶୌଚାଳୟ,୧୩ ନମ୍ବର ୱାର୍ଡ ହାଉସିଂବୋର୍ଡ କଲୋନୀ ନାଗରିକ କଲ୍ୟାଣ ସମିତି ଗୃହ ଏବଂ ୧୭ ନମ୍ବର ୱାର୍ଡରେ ଗୋଷ୍ଠି ଶୌଚାଳୟ ନିର୍ମାଣର ଶିଳାନ୍ୟାସ କରାଯାଇଥିଲା । ତେବେ ବଡପଡ଼ିଆ ଥାନା ନିକଟସ୍ଥ ପ୍ରେସ ଛକ ଠାରେ ନିର୍ମିତ ବହୁ ପ୍ରତିକ୍ଷିତ ପ୍ରେସ ଗ୍ୟାଲେରୀ କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦଘାଟନ କରିଥିଲେ । ଏହି ଅବସରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ପାରିଷଦ ସୌଦାମିନୀ ସାହୁ, କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ନାରଣ ବେହେରା, ଆଲୋକ ମହାପାତ୍ର,ପ୍ରଶାନ୍ତ ସ୍ୱାଇଁ,ବିନୟ ରାୟ, ବଟକୃଷ୍ଣ ଦାସ,ବିରଜା ତ୍ରିପାଠୀ,ସଂଗ୍ରାମ ରାଉତ,ସଦାନନ୍ଦ ବେହେରା, ପ୍ରଭାତ ଦାସ, ସଞ୍ଜୟ ସେନାପତି,ପ୍ରଭାତ ମହାପାତ୍ର,ପୁରୁଷୋତମ ଶତପଥୀ ଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ତେବେ ଏହି ପ୍ରେସ ଗ୍ୟାଲେରୀରେ ବର୍ଷା ଦିନେ ଦୈନିକ ସକାଳେ ଖବରକାଗଜ ବିତରଣ କାର୍ଯ୍ୟ ସହଜସାଧ ହେବା ସହ ସାମ୍ବାଦିକ ମାନେ ଏଠାରେ ବସି ଖବରକାଗଜ ପଢ଼ିପାରିବେ । ଅନ୍ୟ ସମୟରେ ବର୍ଷା ସମୟରେ ନିରାଶ୍ରୟ ପଥିକମାନେ ଏଠାରେ ଆଶ୍ରୟ ନେଇପାରିବେ ଏବଂ ପୌରପାଳିକାର ଏହି ପଦକ୍ଷେପ କୁ ସାଧାରଣରେ ପ୍ରଶଂସା କରାଯାଇଛି । ଦିନତମାମ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜଗତସିଂହପୁର ସାଂସଦ ଡ଼ଃ.ବିଭୂପ୍ରସାଦ ତରାଇ ମୁଖ୍ୟ ବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ସିଆଇଏସଏଫ କମାଣ୍ଡାଣ୍ଟ ସନତ ପଟେଲ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ପାରାଦୀପ ପୌରପାଳିକା ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତିବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ପୌରାଞ୍ଚଳର ବିକାଶ କ୍ଷେତ୍ରରେ ପରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ନିରବଚ୍ଛିନ୍ନ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ଜୀବନ ବୀମା ନିଗମ ଶାଖା ପକ୍ଷରୁ ବୀମା ସପ୍ତାହ ଆରମ୍ଭ



ଭୁବନେଶ୍ବର,(ପି.ଏନ): ଗତ ତା ୧.୯.୨୫ରିଖ ଦିନ ଭାରତୀୟ ଜୀବନ ବୀମା ନିଗମ, ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ବୀମା ସପ୍ତାହ ଆରମ୍ଭ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ଉତ୍ସବକୁ ପଟ୍ଟାମୁଣ୍ଡାଇ ମୁନିସିପାଲିଟିର କାର୍ଯ୍ୟନିବାହୀ ଅଧିକାରୀ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ପ୍ରଦୀପ ଜାଳି ଉଦଘାଟନ କରିଥିଲେ । ବରିଷ୍ଠ ଶାଖା ପ୍ରବନ୍ଧକ, ଅରୁଣ କୁମାର ବିଶ୍ୱାଳଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ଭାରତୀୟ ଜୀବନ ବୀମା ନିଗମର କାର୍ଯ୍ୟାଧାରା, ଭାରତର ସାମାଜିକ ଓ ଆର୍ଥିକ ବିକାଶରେ ଏହାର ଯୋଗଦାନ ବର୍ଣ୍ଣନା କରିଥିଲେ । ସ୍ୱାଗତ ଅଭିଭାଷଣ ରେ ବରିଷ୍ଠ ଶାଖା ପ୍ରବନ୍ଧକ, ଶ୍ରୀ ବିଶ୍ୱାଳ, ଭାରତୀୟ ଜୀବନ ବୀମା ନିଗମର ଗୌରବମୟ ଇତିହାସ ର ଅବତାରଣା କରିଥିଲେ । ଇତ୍ୟବସରରେ ସମସ୍ତ ପଲିସି ଧାରକ,କର୍ମଚାରୀ, ଅଭିକର୍ତ୍ତା, ଶୁଭେଚ୍ଛୁ ମାନଙ୍କୁ ଶ୍ରୀ ବିଶ୍ୱାଳ ଅଭିନନ୍ଦନ ଓ ଧନ୍ୟବାଦ ଜଣେଇଥିଲେ କ୍ଷ ବିଗତ ଦିନ ମାନଙ୍କ ଭଳି ଆଗାମୀ ଦିନ ମାନଙ୍କରେ ଭାରତୀୟ ଜୀବନବୀମା ନିଗମ ପ୍ରତି ବିଶ୍ୱାସ ଅତୁଟ ରଖିବାକୁ ପଲିସି ଧାରକ ମାନଙ୍କୁ ଅନୁରୋଧ କରିଥିଲେ ।ଆଲୋଚନା ଚକ୍ରରେ ଭାଗ ନେଇ ଶ୍ରୀ ସୁଜିତ କୁମାର ସିଂ, କୁଳମଣି ଗୋଛାୟତ, ତପରଞ୍ଜନ ବେହେରା, ରଞ୍ଜନ କୁମାର ପ୍ରଧାନ,ରାକେଶ କୁମାର ଧଳ, ଆଦିତ୍ୟ ଶଙ୍କର ଦାଶ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଭାରତୀୟ ଜୀବନ ବୀମା ନିଗମର ଅତୀତ ଓ ବର୍ତ୍ତମାନ ଉପରେ ଆଲୋକପାତ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ନେତା ଶ୍ରୀ ଅଭିମନ୍ୟୁ ଦାସ, ଦୀପକ କୁମାର ଜୟସିଂହ, ସୁଗୁଣା ସିଂ, ସୋମନାଥ ସ୍ୱାଇଁ, ଅଜୟ କୁମାର ତରେଇ, ତୃପ୍ତି ସାହୁ, ବିପିନ ବିହାରୀ ଜେନା, ପୂର୍ଣ୍ଣଚନ୍ଦ୍ର ରଣସିଂହ, ଚିନ୍ମୟ କୁମାର samal, ଚନ୍ଦ୍ରଶେଖର ବେହେରା, ସୂର୍ଯ୍ୟ ପ୍ରତାପ ଦାସ,ହିମାଂଶୁ ପରିଡା, ଅଭୟ କୁମାର ମାଝୀ, ସୋମନାଥ ସିଂ, ରଞ୍ଜନ କୁମାର ରାଉତ, ତ୍ରିଦିବ କୁମାର ବେହେରା ଇତ୍ୟାଦି ଶତାଧିକ କର୍ମଚାରୀ, ଅଭିକର୍ତ୍ତା ଓ ପଲିସଧାରୀ ଉପସ୍ଥିତ ଥିଲେ । ପରିଶେଷରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସିଦ୍ଧେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ । ଅପରାହ୍ନରେ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବକ୍ତୃତା ରେ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ର ସୁଶ୍ରୀ ମୋହିନୀ ଜୀବନ ଦାସ, ପ୍ରଥମ, ପଞ୍ଚାୟତ ହାଇସ୍କୁଲ, କଷଣକଣ୍ଟା ର ବର୍ଷା ପ୍ରିୟଦର୍ଶିନୀ ପରିଡା, ଦ୍ୱିତୀୟ, ଶିଶୁ ବିଦ୍ୟାମନ୍ଦିର, ପଟ୍ଟାମୁଣ୍ଡାଇ ର ଧନଞ୍ଜୟ ଦାସ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନରେ ବେଲତଳ ଉପ୍ରା ବିଦ୍ୟାଳୟ ର ସାଇରାମ ପଣ୍ଡା, ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଟ୍ଟାମୁଣ୍ଡାଇ ର ସ୍ମରିକା ସାହୁ, ଦ୍ୱିତୀୟ ଓ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ର ଅଭିପ୍ସା ପଲେଇ ତୃତୀୟ ସ୍ଥାନ ଅଧିକାର କରିଥିଲେୟ ।

## ଟୟୋଟା କିର୍ଲୋସ୍କର ମୋଟର ଲଂଚ ହୋଇଛି




ଭୁବନେଶ୍ବର (ପି.ଏନ): ଆକାଂକ୍ଷା ପ୍ରିମିୟମ୍ ସେଡାନ ସେଗମେଣ୍ଟରେ ଏକ ମାନଦଣ୍ଡ ହୋଇ ରହିଆସିଛି, ୨୦୦୨ ରେ ଆରମ୍ଭ ହେବା ଦିନଠାରୁ ଭାରତରେ ଏହାର ଉତ୍ତରାଧିକାରୀ ବଜାୟ ରଖିଛି । Two ଦୁଇ ଦଶନ୍ଧି ଧରି, ଏହା ଏହାର ବିଶୋଧିତ କାର୍ଯ୍ୟଦକ୍ଷତା, ଅସାଧାରଣ ଆରାମ ଏବଂ ଅତ୍ୟାଧୁନିକ ଶ ଛକ୍ଷ ଳୀ ସହିତ ଗ୍ରାହକଙ୍କୁ ଆକର୍ଷିତ କରିଛି । ? ସର୍ବଭାରତୀୟ ସ୍ତରରେ, କ୍ୟାମ୍ରି ୧୯୮୨ ରେ ଡେବ୍ୟୁ କରିଥିଲା ଏବଂ ଏହା ପରେ ସାରା ବିଶ୍ୱରେ ସେଡାନ୍ ଉତ୍ସାହୀମାନଙ୍କ ମଧ୍ୟରେ ସଫଳତା ଏବଂ ପ୍ରଶଂସାର ପ୍ରତୀକ ପାଲଟିଛି । ଈକ୍ଟଇକ୍ଟସ୍ୱବ "ଏଭର୍-ବେଟର୍ କାର୍" ର ଟୟୋଟାଙ୍କ ଦୃଷ୍ଟିକୋଣକୁ ଅନୁସରଣ କରି କମ୍ପାନୀ ବର୍ତ୍ତମାନ ଭାରତରେ କ୍ୟାମ୍ରି ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଭେଇକିଲ୍ - ସ୍ପ୍ରିଣ୍ଟ୍ ସଂସ୍କରଣର ପରିଚୟ ଦେଇଛି, ଉନ୍ନତ ଜ୍ଞାନକ ସ୍ୱରମଷଭକ୍ଟକ୍ଷକ୍ଟଶଜ ଶଳ ଏବଂ ଗତିଶୀଳ ଡିଜାଇନର ମିଶ୍ରଣ ସହିତ କ୍ୟାମ୍ରିଙ୍କ ଆବେଦନକୁ ଆହୁରି a ating ।ଇଥାଏ । ଖ ୨.୫ଖ ଡାଇନାମିକ୍ ଫୋର୍ସ ଇଞ୍ଜିନ୍ ଦ୍ୱାରା ଚାଳିତ, ସ୍ପ୍ରିଣ୍ଟ୍ ସଂସ୍କରଣ ଏକ ଇ-ସିଭିଟି ଟ୍ରାନ୍ସମିସନ୍ ସହିତ ଯୋଡି ହୋଇଛି ଏବଂ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଲିଥିୟମ୍-ଆୟନ ବ୍ୟାଟେରୀ ଦ୍ୱାରା ସମର୍ଥିତ, ବର୍ଦ୍ଧିତ ଇନ୍ଧନ ଦକ୍ଷତା, ନିର୍ଗମନ ହ୍ରାସ ଏବଂ ବିହୀନ ହାଇବ୍ରିଡ୍ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରେ ।

ମୁଖ୍ୟ ଉତ୍ପାଦର ମୁଖ୍ୟ ଆକର୍ଷଣ: ଇଞ୍ଜିନ୍ ହୁଡ୍, ଛାତ, ଏବଂ ଟ୍ରଙ୍କ ଉପରେ ମ୍ୟାଟ୍ ଫିନିଶ୍ ବ୍ଲାକ୍ ଆଉଟ୍ ଟେପ୍ ସହିତ ଡୁଆଲ୍-ଟୋନ୍ ବାହ୍ୟ ଷ୍ଟାଇଲିଂ କ୍ରୀଡା ଚରିତ୍ରକୁ a ancing ଇଥାଏ । ନୂତନ ମ୍ୟାଟ୍ ବ୍ଲାକ୍ ଆଲୋଇ ଚକଗୁଡିକ ଏକ ଭିନ୍ନ ଏବଂ ଆଥଲେଟିକ୍ ଆଭିମୁଖ୍ୟ ପ୍ରଦାନ କରେ ।। ଫ୍ରଣ୍ଟ୍ ବଡି କିଟ୍, ରିଅର୍ ବଡି କିଟ୍ ଏବଂ ରିଅର୍ ସ୍ପିଲର୍ ସହିତ ଏକ୍ସକ୍ଲୁସିଭ୍ ସ୍ପୋର୍ଟସ୍ କିଟ୍, ଯାହା ଯାନକୁ ଏକ ଦୃ ରକ୍ଷ୍ମ .ତା ଏବଂ ଏରୋ ଡାଇନାମିକ୍ ଆଭିମୁଖ୍ୟ ଦେଇଥାଏ ।କବାଟ ଚେତାବନୀ ପ୍ରଦୀପ ଈ ଏବଂ ପରିବେଶ ଆଲୋକ ।, ବର୍ଦ୍ଧିତ ସୁରକ୍ଷା ଏବଂ ଭିତରର ପରିଶୋଧନରେ ସହାୟକ ହୁଏ ।ଆରାମ, ନିରାପତ୍ତା ଏବଂ ହାଇବ୍ରିଡ୍ ଦକ୍ଷତା ବଜାୟ ରଖିବାବେଳେ ଏକ ସତେଜ, କ୍ରୀଡ଼ାବିତ୍ ବାହ୍ୟ ପ୍ରଦାନ କରେ ଯାହା କ୍ୟାମ୍ରି ହାଇବ୍ରିଡ୍ କୁ ବ୍ୟାଖ୍ୟା କରେ ।। କ୍ୟାମ୍ରି ସ୍ପ୍ରିଣ୍ଟ ସଂସ୍କରଣ ୫ ଟି ରଙ୍ଗରେ ଆସିଥାଏ ଏବଂ ଏକ୍ସ-ଶୋ'ରୁମ୍ ମୂଲ୍ୟରେ ଜଙ୍ଘ, ୦୦୦ ଟଙ୍କା ଉପଲବ୍ଧ । ସମଗ୍ର ଭାରତରେ ୪୮,୫୦,୦୦୦ / - (ମୂଲ୍ୟ ସମଗ୍ର ଦେଶରେ ସମାନ)ଥଈ ଆନୁଷଙ୍ଗିକଗୁଡିକ ତୃତୀୟ ପକ୍ଷ ଦ୍ୱାରା ବିକଶିତ ଏବଂ ପ୍ରାଧିକୃତ ଡିଲରମାନଙ୍କ ଦ୍ୱାରା ସଂସ୍ଥାପିତଧ ବାଙ୍ଗାଲୋର, ୧୮ ଅଗଷ୍ଟ ୨୦୨୫: ଟୟୋଟା କିର୍ଲୋସ୍କର ମୋଟର ପ୍ରା। ଲି। ଏକ ଚମତ୍କାର ଡୁଆଲ୍-ଟୋନ୍ ବାହ୍ୟ, ମ୍ୟାଟ୍ ବ୍ଲାକ୍ ଉନ୍ନତି, ଏବଂ ଏକ ସ୍ୱତନ୍ତ୍ର କ୍ରୀଡା କିଟ୍ ଈ ବ ଙ୍କସ୍ବଭଶ ଶିଷ୍ଟ୍ୟ, ଏହି ନୂତନ ପ୍ରକାରଟି ବିଶୋଧିତ କାର୍ଯ୍ୟଦକ୍ଷତା ସହିତ ଗତିଶୀଳ ନ est ତିକତାକୁ ମିଶ୍ରିତ କରେ । କ୍ୟାମ୍ରି ସ୍ପ୍ରିଣ୍ଟ ସଂସ୍କରଣ ଏକ ଉତ୍ସାହୀ ବ୍ୟକ୍ତିବିଶେଷଙ୍କୁ ପ୍ରତିଫଳିତ କରେ - ଯେଉଁମାନେ କ୍ରୀଡା ଅତ୍ୟାଧୁନିକତାରେ ଆବୃତ ମଜା-ଟୁ-ଡ୍ରାଇଭ୍ ଅଭିଜ୍ଞତା ଖୋଜନ୍ତି ସେମାନଙ୍କ ପାଇଁ ପରିକଳ୍ପିତ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray